ଏକଲବ୍ୟ

# ତିନୋଟି ବିଲେଇ ଛୁଆ

ଏକ ଚିତ୍ର କଥା



ବି. ସୁତେୟେବ



# ତିନୋଟି ବିଲେଇ ଛୁଆ




ଚିତ୍ର ଏବଂ କାହାଣୀ

ବି. ସୁତେୟେବ



ଏକଲବ୍ୟ ପ୍ରକାଶନ

# ତିନୋଟି ବିଲେଇ ଛୁଆ
**Tinoti Bilei Chhua**

A pictures story

Text and illustrations: V. Suteyev
From *STORIES AND PICTURES*
Oriya Translation: Ramesh Gumansingh

This Oriya translation is supported by the Parag initiative of Tata Trusts.

April 2018 / 1500 copies
Reprint: January 2023 / 1000 copies
Reprint: December 2023 / 3500 copies
Paper: 100 gsm Maplitho and 210 gsm Paper board (Cover)
ISBN: 978-81-936759-6-0
Price ₹ 90.00

Published by:
**EKLAVYA FOUNDATION**
Jamnalal Bajaj Parisar
Near Fortune Kasturi, Jatkhedi,
Bhopal - 462 026 (MP)
Phone: +91 755 - 297 7770, 71, 72
www.eklavya.in / books@eklavya.in

Printed at Box Corrugators and Offset Printers, Bhopal, Phone +91 258 7651





ତିନୋଟି ବିଲେଇ ଛୁଆ ଥିଲେ ।

ଗୋଟିଏ କଳା, ଗୋଟିଏ କସରା ଏବଂ ଆଉ ଗୋଟିଏ ଧଳା ।





ସେମାନେ ଗୋଟିଏ ମୂଷା ଦେଖିଲେ....





.... ଏବଂ ସେମାନେ ତା ପଛରେ ଦୌଡ଼ିଲେ ।






ମୂଷାଟି ଡିଆଁଟାଏ ମାରି ଅଟା ଡବାରେ ପଶିଗଲା ।






ଜଣ ଜଣ କରି ସେମାନେ ତିନିଜଣଯାକ ସେହି ଡବା ଭିତରକୁ ଡେଇଁ ପଡ଼ିଲେ ।

କିନ୍ତୁ ସେତେବେଳକୁ ମୂଷାଟି ଡବାରୁ ବାହାରି ପଳାଇଥିଲା ।






ତିନୋଟି ଯାକ ବିଲେଇ ଛୁଆ ନିରାଶ ହୋଇ ଡବାରୁ ବାହାରକୁ ଆସିଲେ ।

ସେ ତିନିଜଣଙ୍କ ରଙ୍ଗ ଧଳା ହୋଇଯାଇଥିଲା ।





ତିନିଜଣ ଯାକ ଧଳା ବିଲେଇ ଛୁଆ ଗୋଟିଏ ବେଙ୍ଗ ଦେଖିଲେ ।
ସେମାନେ ତାକୁ ଧରିବାପାଇଁ ଦୌଡ଼ିଲେ ।





ବେଙ୍ଗଟି ଧୂଆଁ ପାଇପ୍ ଭିତରେ ପଶିଗଲା ।

ଏ ତିନିଜଣ ମଧ ତା ପଛେ ପଛେ ଧୂଆଁ ପାଇପ୍ ଭିତରେ ପଶିଗଲେ ।



ବେଙ୍ଗଟି ଧୂଆଁ ପାଇପ୍‌ର ଆରପାଖ ମୁଣ୍ଡରେ ବାହାରି ପଳାଇଲା...



....ତା ପଛେ ପଛେ ବାହାରିଲେ ତିନୋଟି ଯାକ କଳା ବିଲେଇ ଛୁଆ ।





କଳା ବିଲେଇ ଛୁଆମାନେ ପୋଖରୀରେ ଗୋଟିଏ ମାଛ ଦେଖିଲେ....





... ଏବଂ ସେମାନେ ପୋଖରୀ ଭିତରକୁ ଡିଆଁ ମାରିଲେ ।





ମାଛଟି ପହଁରି ପହଁରି ଦୂରକୁ ଚାଲିଗଲା ।



ତିନିହେଁ ଧୋଇହୋଇ ପୋଖରୀରୁ ବାହାରକୁ ଆସିଲେ ।





... ଏବଂ ଘରକୁ ଫେରି ଚାଲିଲେ ।





ତିନୋଟି ବିଲେଇ ଛୁଆ ।

ଗୋଟିଏ କଳା, ଗୋଟିଏ କସରା ଏବଂ ଆଉ ଗୋଟିଏ ଧଳା ।



parag
AN INITIATIVE OF TATA TRUSTS

ଏକଲବ୍ୟ ପ୍ରକାଶନ

Price: ₹ 90.00

9 788193 675960